ODM EDUCATIONAL GROUP
Changing your Tomorrow

# MORNING PRAYER





CHANGING YOUR TOMORROW

# ODM PUBLIC SCHOOL

**SESSION :3**

**CLASS :3**

**SUBJECT : ODIA**

**CHAPTER NUMBER: 09**

**CHAPTER NAME : ରମ୍ୱା ନୂଆ ଜାଗା ଦେଖିଲା**

**SUBTOPIC :ଅଭ୍ୟାସ- ୧୫ଓ ୧୭ (ପ୍ରଶ୍ନ ଉତ୍ତର )**

**ଅଧ୍ୟୟନର ଉଦ୍ଦେଶ୍ୟ –**

ପିଲାମାନଙ୍କର ଶ୍ରବଣ ,କଥନ,ପଠନ ଓ ଲିଖନ ଶୈଳୀ ର ଅଭିବୃଦ୍ଧି କରାଇବା ।



# ରମ୍ଭା ନୂଆ ଜାଗା ଦେଖ୍ଲା



ପାଠ - ୯

# ରମ୍ଭା ନୂଆ ଜାଗା ଦେଖିଲା




ଝିଅଟିର ନାଁ ରମ୍ଭା । ଆମ୍ରପାଲୀ ଗାଁରେ ମାଉସୀ ବେମାର ଥିଲେ । ରମ୍ଭା ମା' ସହିତ ମାଉସୀଙ୍କୁ ଦେଖିବାକୁ ବାହାରିଲା ।

ରମ୍ଭା : ମା', ଏଇଟି କେଉଁ ବିଦ୍ୟାଳୟ ?


ମା' : ଏହାର ନାମ ଆମ୍ରପାଲୀ ସରକାରୀ ପ୍ରାଥମିକ ବିଦ୍ୟାଳୟ । ଏଠାରେ ମୁଁ ପାଠ ପଢୁଥିଲି ।

ରମ୍ଭା : ମା' ଏହି ବଗିଚାରେ କେଉଁ ସବୁ ଗଛ ଅଛି ?

ମା' : ରମ୍ଭା, ଏଇଟା ଗମ୍ଭାରୀ ଗଛ । ହେଇ ଦେଖ, ସେପଟେ ଚମ୍ପା ପାଖରେ ଆମ୍ବ, ପଣସ ଓ ମନ୍ଦାର ଗଛ ଅଛି ।

ରମ୍ଭା : ଏତେବଡ଼ ବଗିଚାରେ ପାଣି କେଉଁଠୁ ଦେଉଥିବେ ?

ମା' : ଦେଖୁନୁ କେତେବଡ଼ କୂଅ ଅଛି । ବଡ଼ବଡ଼ କୂଅକୁ ବାମ୍ପୀ କୁହାଯାଏ । ପମ୍ପରେ ପାଣି ଉଠାଯାଇ ବଗିଚାରେ ଦିଆଯାଏ ।



ରମ୍ଭା : ମୁଁ ଏଇଠି ଖେଳିବି କି ?

ମା' : ହଁ, ଯାଉନୁ ସେଇ ଖସଡ଼ାରେ ଖସିବୁ।

ରମ୍ଭା : ମା', ଏହି ବିଦ୍ୟାଳୟରେ କ'ଣ ସବୁ ହୁଏ ?

ମା' : ଏଠାରେ ପାଠ ପଢ଼ାଯାଏ। ଏଠାରେ ପାଠ ପଢ଼ି ପିଲାମାନେ ବହୁତ କଥା ଶିଖନ୍ତି। ସରକାରୀ ବିଦ୍ୟାଳୟରେ ସବୁପିଲାଙ୍କୁ ମାଗଣାରେ ବହି, ପୋଷାକ ଓ ଖାଇବାକୁ ଦିଆଯାଏ । ଧନୀଗରିବ ସଭିଏଁ ପଢ଼ିବାର ସୁଯୋଗ ପାଆନ୍ତି ।

ରମ୍ଭା : ମା', ଏଇଟି କି ଘର ?

ମା' : ଏଇଟା କୁମ୍ଭାରପୁର ଗ୍ରାମପଞ୍ଚାୟତ ଅଫିସ୍ ।

ରମ୍ଭା : ଏ ଅଫିସ୍ କେଉଁ କାମ କରେ ?



ମା' : ଗ୍ରାମପଞ୍ଚାୟତ ଗ୍ରାମସଡ଼କ ତିଆରି ଓ ମରାମତି କରେ । ଗ୍ରାମପଞ୍ଚାୟତ ପୋଖରୀ ଖୋଳେ ।



ରମ୍ଭା : ମା', ଏଠାରେ କ'ଣ ହେଉଛି ?

ମା' : ଜାଣିଲୁ ଝିଅ, ଏଠାରେ ଗୋଟିଏ ସଭା ହେଉଛି । ଗ୍ରାମପଞ୍ଚାୟତର



ମୁଖ୍ୟ ହେଉଛନ୍ତି ସରପଞ୍ଚ । ଗ୍ରାମପଞ୍ଚାୟତ ଗାଁର ଭଲମନ୍ଦ ବୁଝେ । ଗାଁ, ଗାଁ ମଧ୍ୟରେ ହେଉଥିବା କଳିକଜିଆକୁ ସମାଧାନ କରେ ।

ରମ୍ଭା: ଗ୍ରାମପଞ୍ଚାୟତ କେମିତି ଗଠିତ ହୁଏ ?

ମା': ଗୋଟିଏ ବଡ଼ ଗାଁ ବା କେତୋଟି ଛୋଟଛୋଟ ଗାଁକୁ ନେଇ ଗ୍ରାମପଞ୍ଚାୟତ ଗଢ଼ା ହୋଇଥାଏ ।




ରମ୍ଭା: ଏ ଲୋକଟିକୁ କେଉଁଠିକି ନେଉଛନ୍ତି ମା’ ?

ମା : ଡାକ୍ତରଖାନାକୁ ନେଉଛନ୍ତି । ଏଠାରେ ଡାକ୍ତର, ନର୍ସ, କମ୍ପାଉଣ୍ଡର ଓ ଅନ୍ୟମାନେ କାମ କରନ୍ତି ।

ଏଠାରେ ମାଗଣାରେ ରୋଗୀ ପରୀକ୍ଷା କରାଯାଏ । ଔଷଧ ଦିଆଯାଏ । ତୋ ମାଉସୀ ବି ଏବେ ଏଠାରେ ଅଛନ୍ତି ।



ରମ୍ଭା: ମା', ଏହି ଫଳଗୁଡ଼ିକୁ କେଉଁଠି ରଖିବି ?

ମା' : ସେହି ଫଳଗୁଡ଼ିକୁ ଷ୍ଟୁଲ ଉପରେ ସଜାଡ଼ି ରଖିଦେ ।



ODM EDUCATIONAL GROUP

# ଅଭ୍ୟାସ - ୧୫ ଆଲୋଚନା କର ଲେଖ

ଗ –ଗ୍ରାମ ପଞ୍ଚାୟତ କି କି କାମ କରେ ?

ଉ- ଗ୍ରାମ ପଞ୍ଚାୟତ ଗାଁ ର ଭଲମନ୍ଦ ବୁଝେ |ରାସ୍ତା ଘାଟ ମରାମତି ,ପରିବେଶ ସଫା ସୁତରା ରଖିବା ,ପୋଖରୀ ଖୋଳିବା ଇତ୍ୟାଦି ଉନ୍ନତି ମୂଳକ କାର୍ଯ୍ୟ କରେ |

ଘ –ତୁମେ ପଢୁଥିବା ବିଦ୍ୟାଳୟର ନାମ କଣ ?

ଉ -ଆମେ ପଢୁଥିବା ବିଦ୍ୟାଳୟର ନାମ –ଓଡିଏମ୍ ପବ୍ଲିକ୍ ସ୍କୁଲ୍

ଙ-ତୁମ ବିଦ୍ୟାଳୟରେ ପାଠପଢା ପୂର୍ବରୁ କରାଯାଉଥିବା ଦୁଇଟି କାର୍ଯ୍ୟ ଲେଖ ?

ଉ –ଆମ ବିଦ୍ୟାଳୟରେ ପାଠପଢା ପୂର୍ବରୁ ପ୍ରାର୍ଥନାସଭା ଓ ଦେଶ ବିଦେଶ ଖବର ସହିତ ଦୈନିକ ଅନୁଚିନ୍ତା ଆଲୋଚନା କରାଯାଏ

## ଅଭ୍ୟାସ -୧୭ ଆଲୋଚନା କରି ଲେଖ |

ODM EDUCATIONAL GROUP
Changing your Tomorrow

କ –ତୁମ ଅଞ୍ଚଳରେ ଡାକ୍ତରଖାନା ନଥିଲେ କଣ ଅସୁବିଧା ?

ଉ- ଆମ ଅଞ୍ଚଳରେ ଡାକ୍ତରଖାନା ନଥିଲେ-

ଲୋମାନେ ହଠାତ୍ ନିଜ ଦେହ ଖରାପ ସମୟରେ ଉପଯୁକ୍ତ ଚିକିତ୍ସା ପାଇପାରିବେ ନାହିଁ |

ଚିକିତ୍ସା ଅଭାବରୁ ଲୋକମାନଙ୍କର ଅକାଳ ବିୟୋଗ ଘଟିପାରେ|

ପିଲାମାନଙ୍କର ଟୀକା କରଣ ଠିକ୍ ସମୟରେ ହୋଇପାରିବ ନାହିଁ |

ଖ –ତୁମ ଗାଁରେ ବିଦ୍ୟାଳୟ ନଥିଲେ ତୁମର କି ଅସୁବିଧା ହୁଅନ୍ତା ?

ଉ –ଆମ ଗାଁରେ ବିଦ୍ୟାଳୟ ନ ଥିଲେ –

ଗାଁର ପିଲାମାନେ ପାଠପଢାରୁ ବଞ୍ଚିତ ହେବେ |

ଶିକ୍ଷା ଅଭାବରୁ ଅଧିକାଂଶ ପିଲା ଅସମାଜିକ କାର୍ଯ୍ୟରେ ଲିପ୍ତ ହେବେ |

ଶିକ୍ଷା ଅଭାବରୁ ଅଧିକାଂଶ ପିଲା ଚାଷକାମ ,କାଠକାଟିବା ଗାଈ ଜଗିବା ଇତ୍ୟାଦି କାର୍ଯ୍ୟ ରେ ନିଜକୁ ନିୟୋଜିତ ରଖିବା ସହିତ ଅଶିକ୍ଷିତ ହୋଇ ରହିବେ |

# ଅଭ୍ୟାସ - ୧୭ ଆଲୋଚନା କର ଲେଖ

ଗ –ତୁମ ଗାଁ ଲୋକଙ୍କର ଦେହ ଖରାପ ହେଲେ ସେମାନେ କେଉଁଠିକୁ ଯାଆନ୍ତି ?

ଉ- ଆମ ଗାଁ ଲୋକଙ୍କର ଦେହ ଖରାପ ହେଲେ ସେମାନେ ଚିକିତ୍ସା ପାଇଁ ପାଖ ଅଞ୍ଚଳରେ ଥିବା ଡାକ୍ତରଖାନାକୁ ଯାଆନ୍ତି |

ଘ –ତୁମ ବିଦ୍ୟାଳୟରେ କଣ କଣ ଅଛି ଲେଖ ?

ଉ -ଆମ ବିଦ୍ୟାଳୟରେ ମନ୍ଦିର,ଶ୍ରେଣୀ ଗୃହ ,ପାଠାଗାର ,ଖେଳ ପଡିଆ ,ପାର୍କ ,ବଗିଚା, ସୁଇମିଂ ପୁଲ୍ ଇତ୍ୟାଦି ରହିଛି |

ଙ-ତୁମ ଶ୍ରେଣୀ କୋଠରୀରେ କଣ ସବୁ ଅଛି ?

ଉ –ଆମ ଶ୍ରେଣୀ କୋଠରୀରେ କଳାପଟା ,ଟେବୁଲ୍,ଚୌକି ମାନଚିତ୍ର ,କମ୍ପୁଟର,ସ୍ମାର୍ଟବୋର୍ଡ,ମହାପୁରୁଷଙ୍କ ଛବି ଇତ୍ୟାଦି ରହିଛି |

ODM EDUCATIONAL GROUP

# ଗୃହକର୍ମ

ଅଭ୍ୟାସ–୧୫(କ ଓ ଖ)କୁ ଖାତାରେ କର।



## ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ,ପଠନ ଓ ଲିଖନ ଶୈଳୀ ର ଅଭିବୃଦ୍ଧି ଘଟିବ |



**THANKING YOU**

**ODM EDUCATIONAL GROUP**